بسم الله الرحمن الرحيم

**୧୯ ମଇ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ୍**

**ହଜରତ ମସିହ ମଉଦ [ଅ.ସ]ଙ୍କ ସତ୍ୟତା ଓ ବିଶ୍ୱବ୍ୟାପୀ ଜମାଅତ ଅହେମଦିୟାର ଉନ୍ନତି ପ୍ରତିପାଦିତ କରୁଥିବା କେତେକ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଆଲୋଚନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ [ଅ.ସ]ଙ୍କ ଦ୍ୱାରା ସ୍ଥାପିତ ଜମାଅତ ଉପରେ ଅଲ୍ଲାଃତାଲାଙ୍କର ବିଶେଷ କୃପା ଓ ଦିନକୁ ଦିନ ବଢ଼ି ଚାଲିଥିବା ତାଙ୍କ ଅନୁକମ୍ପା ପ୍ରସଙ୍ଗରେ ଆଜି ଆଲୋଚନା କରିବି, ଏହା ମଧ୍ୟ ମହା ପରାକ୍ରମୀ ଅଲ୍ଲାଃଙ୍କର ଚମ୍‌ତ୍କାର ଯେ ହଜୁର [ଅ.ସ]ଙ୍କର ଏଭଳି ଭୀଷଣ ବିରୋଧ ଓ ଆମ ଶତ୍ରୁମାନଙ୍କ ଦିବାରାତ୍ର ଅହରହ ପ୍ରୟାସ ସତ୍ତ୍ୱେ ଏହି ଜମାଅତ ଉନ୍ନତି ପଥରେ ଚଳଚଂଚଳ । କିଛି ଜାଣିଛ କି ଏହାର କାରଣ କ'ଣ ? କାରଣ ଏହିକି ଯେ ଐଶ୍ୱର୍ଯ୍ୟମୟ ପ୍ରଭୁ ସ୍ୱୟଂ ଯାହାଙ୍କୁ ଆବିର୍ଭୁତ କରିଥାନ୍ତି ଏବଂ ଯେ ପ୍ରକୃତରେ ତାଙ୍କ ନିକଟରୁ ଆସିଥାନ୍ତି ସେ ପ୍ରତିଦିନ ଉନ୍ନତି ପଥରେ ଅଗ୍ରଗାମୀ ଓ ସମୃଦ୍ଧି ଲାଭ କରି ଚାଲିଥାନ୍ତି । ତାଙ୍କ ଜମାଅତ ଦିନକୁ ଦିନ ଜାଜ୍ଜ୍ୱଲ୍ୟମୟ ହୋଇ ଚାଲିଥିବା ସ୍ଥଳେ ତାଙ୍କ ବିରୋଧୀ ଓ ଅମାନ୍ୟକାରୀମାନେ ମନରେ ଅନେକ ଦୁଃଖ ଓ ଉତ୍କଣ୍ଠା ନେଇ ସଂସାରରୁ ବିଦାୟ ନେଇଥାନ୍ତି । ମନେରଖ ଯାହାଙ୍କୁ ପ୍ରଭୁ ଉନ୍ନତି ଦେବାକୁ ମନସ୍ଥ କରିଥାନ୍ତି ତାହାକୁ କେହି ଅଟକାଇ ପାରିବ ନାହିଁ । କାରଣ ଯଦି ତୁଚ୍ଛ ମାନବ ପ୍ରୟାସରେ ଉକ୍ତ ଐଶୀ ଜମାଅତ ଅଟକି ଯିବ ତେବେ ସ୍ୱୀକାର କରିବାକୁ ପଡ଼ିବ ଯେ ଅବରୋଧକାରୀ ପରମବ୍ରହ୍ମ ଅଲ୍ଲାଃଙ୍କ ଉପରେ ବିଜୟ ଲାଭ କରିନେଲା, ଯେତେବେଳେ କି ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଉପରେ କେହି ବିଜୟ ଲାଭ କରିପାରିବେ ନାହିଁ ।**

ହଜୁର [ଅ.ସ]ଙ୍କର ଏହି ଅଙ୍ଗୀକାରଗୁଡ଼ିକ ପୂରଣ ହେବାର ନିଦର୍ଶନ ଆମେ ପ୍ରତିଦିନ ଅବଲୋକନ କରୁଅଛୁ । ଶତ୍ରୁ ବ୍ୟକ୍ତିଗତ ଓ ସାମୂହିକ ଉଭୟ ସ୍ତରରେ ବଳିଷ୍ଠ ଯୋଜନା ପ୍ରସ୍ତୁତ କରି ଆପଣଙ୍କ ଅନିଷ୍ଟ କରିବାକୁ ଉଦ୍ୟମ କରିଥିଲା । କିନ୍ତୁ ଐଶ୍ୱର୍ଯ୍ୟମୟ ପ୍ରଭୁ ଆପଣଙ୍କ ସହିତ ଯେଉଁ ଅଙ୍ଗୀକାର କରିଥିଲେ କି ଆମ୍ଭେ ତୁମ ପ୍ରଚାରକୁ ଭୂ-ପୃଷ୍ଠର କୋଣ ଅନୁକୋଣରେ ପହଂଚାଇଦେବୁ ଏବଂ ଆମ୍ଭେ ତୁମ ନିଷ୍ଠାପର ଓ ଅନୁରକ୍ତମାନଙ୍କ ସଂଖ୍ୟା ବୃଦ୍ଧି କରିବୁ । ଏହି ଅଙ୍ଗୀକାର ଅନ୍ତର୍ଗତ ଆମେ ଜମାଅତକୁ ପ୍ରସାର ଲାଭ କରୁଥିବାର ଦେଖୁଛୁ । ଏହି ନାମକୁ ମାତ୍ର ପଣ୍ଡିତ ବୋଲାଉ ଥିବା ମୁସଲମାନ ଓ ଆମ ବିରୋଧୀମାନେ ମନେ କରୁଛନ୍ତି ଯେ ଆମେ ଆପଣ [ଅ.ସ]ଙ୍କ ଜମାଅତକୁ ଫୁଙ୍କମାରି ଶେଷ କରିଦେବୁ କିନ୍ତୁ ସେମାନଙ୍କୁ ଜଣା ନାହିଁ ଯେ ସେମାନେ ପରାକ୍ରମୀ ଅଲ୍ଲାଃଙ୍କ ମୁକାବିଲା କରୁଛନ୍ତି । ଆଉ ଯେ ଅଲ୍ଲାଃଙ୍କ ମୁକାବିଲାରେ ଛିଡ଼ା ହୋଇଥାଏ ସେ ନିଜେ ହିଁ ଛାରଖାର ହୋଇ ଯାଇଥାଏ । ଅଲ୍ଲାଃତାଲା ନିଜ ଭକ୍ତଙ୍କ ସମର୍ଥନ ଓ ସାହାଯ୍ୟ ସହଯୋଗ କରିଥାନ୍ତି । ଆମମାନଙ୍କ ସହିତ ଅଲ୍ଲାଃତାଲାଙ୍କର ଏହି ଆଚରଣ ସଂସାରର ଦୂର ଦୂରାନ୍ତରରେ ରହିଥିବା ଦେଶମାନଙ୍କରେ ମଧ୍ୟ ଦେଖିବାକୁ ମିଳୁଅଛି । ଏପରି ବିଚ୍ଛିନ୍ନ ଅଂଚଳ ଓ ଅତି ଦୁର୍ଗମ ପଥ ମଧ୍ୟଦେଇ ଯେଉଁ ଠାରେ ମନୁଷ୍ୟ ପହଂଚିବା ଅସମର୍ଥ । କିନ୍ତୁ ସେଠାରେ ମଧ୍ୟ ପରାକ୍ରମୀ ଅଲ୍ଲାଃ ନିଜ ସାହାଯ୍ୟ ସହଯୋଗର ହସ୍ତ ସଂପ୍ରସାରିତ କରି ଆମକୁ ନିଜ ନିଦର୍ଶନ ଦେଖାଉଛନ୍ତି । ବିରୋଧୀମାନେ ନିଜର ପୂର୍ଣ୍ଣ ପ୍ରୟାସ କରିବା ସତ୍ତ୍ୱେ ଅସଫଳ ହେଉଛନ୍ତି ।

ଅହେମଦୀମାନଙ୍କ ଧନ ଜୀବନ କ୍ଷୟକ୍ଷତି କରି ଜମାଅତକୁ ଭୟଭୀତ କରିବାକୁ ଚାହୁଁଛନ୍ତି । କିନ୍ତୁ ସେମାନଙ୍କ ଏହିସବୁ ପ୍ରୟାସ ହିଁ ଆମ୍ଭମାନଙ୍କ ବିଶ୍ୱାସକୁ ବହୁଗୁଣିତ କରୁଅଛି ।

ସଂସାରରେ ଆମମାନଙ୍କ ସହିତ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗର ଘଟଣାମାନ ଅବ୍ୟାହତ ରହିଛି, ହଜୁର ଅ.ସଙ୍କ ସହିତ ଅଲ୍ଲାଃତାଲାଙ୍କର ଯେଉଁ ଅଙ୍ଗୀକାର ଥିଲା ତାହା କିପରି ସୁନ୍ଦର ଭାବରେ ପୂରଣ ହୋଇଚାଲିଛି ତାହାକୁ ପରିସରଭୁକ୍ତ କରିବା ସମ୍ଭବ ନୁହେଁ । ତଥାପି ଏଠାରେ ମୁଁ ଜମାଅତର ସର୍ବାଙ୍ଗୀନ ଉନ୍ନତି ପ୍ରସଙ୍ଗରେ କିଛି ଘଟଣାବଳୀ ଉପସ୍ଥାପନ କରିଦେଉଛି । ଏହି ଘଟଣାମାନ ଶୁଣିଲେ ଜ୍ଞାତ ହୋଇଥାଏ ଯେ, କିପରି ଅଲ୍ଲାଃତାଲା ହଜରତ ମସିହ ମଉଦ ଅ.ସଙ୍କ ସତ୍ୟତା ଲୋକମାନଙ୍କ ହୃଦୟର ଗହ୍ୱରରେ ଉତ୍ପୂର୍ଣ୍ଣ କରି ଚାଲିଛନ୍ତି ।

କେତେକ ଲୋକେ ନିଜର ସ୍ୱଳ୍ପଜ୍ଞାନ ବଶତଃ ଆପଣଙ୍କ ବିରୋଧ କରିଥାନ୍ତି । ଆଉ ଯେତେବେଳେ ତାଙ୍କୁ ସତ୍ୟତା ଜ୍ଞାତ ହୁଏ ସେତେବେଳେ ସେମାନେ ସତ୍ୟକୁ ସ୍ୱୀକାର ମଧ୍ୟ କରିନେଇଥାନ୍ତି । ଏହିପରି ଏକ ଘଟଣା କଙ୍ଗୋ କିନ୍‌ଶାସାର ଅମିର ସାହେବ ଲେଖିଛନ୍ତି, ଯେ ଏଠାକାର ଏକ ଗ୍ରାମରେ ଆମ ମୌଲ୍ଲିମ୍ ସାହେବଙ୍କର ପ୍ରଚାର ସମୟରେ ସ୍ଥାନୀୟ ଅଣଅହେମଦୀ ଇମାମଙ୍କ ସହିତ ୱଫାତେ ମସିହ୍ ପ୍ରସଙ୍ଗର ତର୍କବିତର୍କ ହେଲା । ଯେତେବେଳେ ସମ୍ପୃକ୍ତ ଇମାମ ଜଣକ ହୃଦୟଙ୍ଗମ କଲେ କି ୱଫାତେ ମସିହ୍‌ର ଅକିଦା (ବିଶ୍ୱାସ)ରେ ତ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ସ.ଅଙ୍କ ସମ୍ମାନ ହାନୀ ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଛି । ସେତେବେଳେ ସେ ସତ୍ୟତାକୁ ଗ୍ରହଣ କରିନେଲେ । ସେଥିଅନ୍ତେ ଇମାମ ମେହଦୀଙ୍କ ଆଗମନର ପ୍ରସଙ୍ଗ ତାଙ୍କୁ ବୁଝା ପଡ଼ିଗଲା । ଫଳତଃ ସେ ନିଜ ପରିବାରର ଛ'ଜଣ ସଦସ୍ୟଙ୍କ ସମେତ ୨୧ଜଣ ଗ୍ରାମବାସୀ ଅହେମଦୀ ହୋଇଗଲେ ।

କେତେକ ସ୍ଥାନରେ ପ୍ରଭୁ ସ୍ୱୟଂ ଭିତ୍ତିଭୂମି ପ୍ରସ୍ତୁତ କରିଥାନ୍ତି । ଗିନୀ କନାକରୀର ମୁବଲ୍ଲିଗ୍ ସାହେବ ଲେଖିଛନ୍ତି, ଗୋଟିଏ ଗ୍ରାମରେ ମୁଁ ପ୍ରଚାର କଲି । ସେହି ଗ୍ରାମର ସବୁଠାରୁ ବୟସ୍କ ବ୍ୟକ୍ତି ଆଗେଇ ଆସି କହିଲେ; ମୁଁ ନିଜ ଦଦାଙ୍କ ଠାରୁ ଏହି ଶବ୍ଦ "ମେହଦୀ" ଅନେକ ଥର ଶୁଣି ଥିଲି । କିନ୍ତୁ ଏଥି ସଂକ୍ରାନ୍ତରେ ମୋର କୌଣସି ଧାରଣା ନଥିଲା । ଆଜି ଆପଣ ଏହାର ବ୍ୟାଖ୍ୟା କରି ମୋତେ ବୁଝାଇ ଦେଲେ । ଅତଏବ ମୁଁ ଅହେମଦୀୟତ୍‌ର ଦୀକ୍ଷା ନେଉଛି । ପୁନଶ୍ଚ ସେ ନିଜ ଗ୍ରାମବାସୀଙ୍କୁ ମଧ୍ୟ ଅହେମଦୀୟତ୍ ସ୍ୱୀକାର କରି ନେବାକୁ ପ୍ରୋତ୍ସାହିତ କଲେ, ଯାହା ଫଳରେ ସେଠାକାର ଇମାମ ସମେତ ଅନେକ ଲୋକମାନେ ବୈଅତ୍ କରିନେଲେ ।

ଏହିପରି ଗେମ୍ବିଆର ମୁବଲ୍ଲିଗ୍ ଇନଚାର୍ଜ୍ ସାହେବ ଲେଖିଛନ୍ତି, ସେଠାକାର ଗୋଟିଏ ଗ୍ରାମକୁ ଯେତେବେଳେ ଆମ ପ୍ରଚାର ଦଳ ଗଲେ ଏବଂ ଦୀର୍ଘ ସମୟ ଆଲୋଚନା କରିବା ପରେ ସରାୟତ୍ ବୈଅତ୍ ପାଠ କରି ଶୁଣାଇଲେ । ସେତେବେଳେ ସେଠାକାର କିଛି ବୁଦ୍ଧିଜୀବୀ ବ୍ୟକ୍ତିଙ୍କୁ ଏ ବିଷୟ ବୁଝା ପଡ଼ିଗଲା ଯେ, ଏହା ହିଁ ବାସ୍ତବିକ ଇସଲାମ । ସେମାନେ ସ୍ୱୀକାର କଲେ ଯେ, ଆମେ ଇସଲାମର ଏହି ସୁନ୍ଦର ଶିକ୍ଷା ଆଜି ପ୍ରଥମ ଥର ଶୁଣିଲୁ । ଅତଏବ ପ୍ରଶ୍ନ ଉତ୍ତରର ଏକ ଦୀର୍ଘ କାର୍ଯ୍ୟକ୍ରମ ଅନ୍ତେ ପାଖାପାଖି ୨୦୦ଜଣ ଲୋକେ ଅହେମଦୀୟତ୍‌ରେ ସାମିଲ ହୋଇଗଲେ ।

ଆଫ୍ରିକାର ଗୋଟିଏ ଦେଶରେ ଆମ ମୁବଲ୍ଲିଗ୍ ସାହେବଙ୍କ ସହିତ କିଛି ଲୋକ ସମ୍ପର୍କ କରି କହିଲେ; ଆପଣ ଆମ ଅଂଚଳକୁ ଆସି ପ୍ରଚାର କରନ୍ତୁ । କାରଣ ଆମକୁ ସୂଚନା ମିଳିଛି ଆପଣମାନେ ପିଲାମାନଙ୍କୁ ପବିତ୍ର କୁରଆନ ଶିକ୍ଷା ଦେବାର ବ୍ୟବସ୍ଥା କରୁଛନ୍ତି । ବସ୍ତୁତଃ ତା'ପର ଦିନ ଆମ ଦଳ ସେଠାରେ ପହଂଚିଗଲେ ଏବଂ ଏକ ଦୀର୍ଘକାଳିନ ବାର୍ତ୍ତାଳାପ ପରେ ସେଠାକାର ଏକ ସଂଖ୍ୟାଗରିଷ୍ଠ ଦଳ ଅହେମଦୀୟତ୍‌ରେ ସାମିଲ ହୋଇଗଲେ । ସେଥିଅନ୍ତେ ଗ୍ରାମବାସୀ ଗ୍ରାମର ସମସ୍ତ ପିଲାମାନଙ୍କୁ ସମ୍ମୁଖରେ ଆଣି ଛିଡ଼ା କରିଦେଲେ ଏବଂ କହିଲେ; ଏବେ ଏମାନେ ଜମାଅତର ପିଲା, ଆପଣ ଏମାନଙ୍କୁ ପବିତ୍ର କୁରଆନ ଶିକ୍ଷା ଦେବାର ବ୍ୟବସ୍ଥା କରନ୍ତୁ । ସୁତରାଂ ମୁବଲ୍ଲିଗ୍ ସାହେବ ଦୁଇଜଣ ପିଲାଙ୍କ ଚୟନ କଲେ ଯାହାଙ୍କୁ ପବିତ୍ର କୁରଆନ ଶିଖାଯିବ ଏବଂ ଶିକ୍ଷା ହାସଲ

କରିବା ପରେ ଦୁହେଁ ଫେରି ଆସି ନିଜ ଅଂଚଳର ଅନ୍ୟ ପିଲାମାନଙ୍କୁ ପବିତ୍ର କୁରଆନ ଶିଖାଇବେ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ପାକିସ୍ତାନରେ ଆମ ଉପରେ ପବିତ୍ର କୁରଆନ ପାଠ କରିବା ତ ଦୂରେ ଥାଉ ଶୁଣିବାରେ ମଧ୍ୟ ପ୍ରତିବନ୍ଧ ଲଗାଯାଇଛି । ସେଠାରେ ଜଣେ ଅହେମଦୀ ଉପରେ କେବଳ ଏଥିପାଇଁ ମକଦ୍ଦମା କରାଯାଏ, ଯେ ସେ ପବିତ୍ର କୁରଆନର ଆବୃତ୍ତି ଶୁଣୁଥିଲା । ଦେଶରେ ଏପରି ନିୟମ ସେହି ନାମକୁ ମାତ୍ର ପଣ୍ଡିତ ବୋଲାଉଥିବା ଧର୍ମଗୁରୁମାନେ ପ୍ରଣୟନ କରିଛନ୍ତି । **ଅପରପାର୍ଶ୍ୱରେ ଲୋକେ ନିଜ ପିଲାମାନଙ୍କୁ ଜମାଅତକୁ ଅର୍ପଣ କରୁଛନ୍ତି, ଯେ ଏମାନଙ୍କୁ ପବିତ୍ର କୁରଆନ ପଢ଼ିବା ଶିଖାଇ ଦିଅନ୍ତୁ । କାରଣ ଜମାଅତ ହିଁ ପବିତ୍ର କୁରଆନର ସଠିକ୍ ଶିକ୍ଷା ବହନ କରୁଅଛି ।**

ଆଫ୍ରିକାର ଆଉ ଏକ ଦେଶ ଚାଡ଼କେ ଦାରୁଲ୍ ହୁକୁମତ୍‌ରେ ଆମର ପ୍ରଥମ ମସଜିଦ୍ ନିର୍ମାଣ କରାଗଲା । ଏଥିରେ ଈର୍ଷା ପରାୟଣକାରୀ ଆମର ଭୀଷଣ ବିରୋଧ କରିବା ଆରମ୍ଭ କରିଦେଲେ । ଜମାଅତ ବିରୋଧରେ ସେଠାକାର କାଉନ୍‌ସିଲରଙ୍କ ନିକଟରେ ଅଭିଯୋଗ କଲେ । ଏଥିରେ ସେ ଉତ୍ତର ଦେଲେ ଉପାସନା କରିବା ଅହେମଦୀମାନଙ୍କର ଅଧିକାର । ଆମେ ତାଙ୍କୁ ମସଜିଦ୍ ଯିବାରୁ କିପରି ନିବୃତ୍ତ ରଖିବୁ । ହଜୁର ଅନଓ୍ୱର[ଅ.ବ] କହିଲେ; ସେଠାକାର ଇସଲାମୀୟ କାଉନ୍‌ସିଲକୁ ଏତିକି ତ ସଦ୍‌ବୁଦ୍ଧି ଅଛି ଓ ସେ ନ୍ୟାୟପ୍ରିୟ ଅଟନ୍ତି । କିନ୍ତୁ ପାକିସ୍ତାନରେ ତ ନ୍ୟାୟ ବିଚାରକ ହିଁ ଜମାଅତ ବିରୁଦ୍ଧରେ ବିଦ୍ୱେଷ ଭାବ ରଖୁଛନ୍ତି । ଅହେମଦୀମାନଙ୍କୁ ନିଜ ମସଜିଦ୍‌ରେ ଉପାସନା କରିବା ଏବଂ ନିଜ ଉପାସନା ସ୍ଥଳୀକୁ ମସଜିଦ୍ କହିବାର ମଧ୍ୟ ତାଙ୍କୁ ସ୍ୱାଧୀନତା ନାହିଁ ।

ସେ ଯାହା ହେଉ ସେଠାକାର ମୁସଲମାନ କାଉନ୍‌ସିଲର୍ ଈର୍ଷା ପରାୟଣକାରୀଙ୍କୁ କହିଲେ; ଯଦି ଆପଣମାନେ ବିଶୃଙ୍ଖଳା ସୃଷ୍ଟି ହେବାର ଭୟ ଅନୁଭବ କରୁଛନ୍ତି ତେବେ ପୋଲିସ୍‌କୁ ରିପୋର୍ଟ ଦିଅନ୍ତୁ । ଅତଏବ ସେମାନେ ସେହିପରି କଲେ ଯେତେବେଳେ ପୋଲିସ୍ ଆସି ତଦନ୍ତ କଲା । ମସଜିଦ୍ ନିର୍ମାଣ କରିବାର ଅନୁମତି ପତ୍ର, ଜମାଅତର ରେଜିଷ୍ଟ୍ରେଶନ୍ ଦସ୍ତାବେଜ୍ ଅନୁଧ୍ୟାନ କଲେ, ସ୍ଥାନୀୟ ଅଧକ୍ଷଙ୍କ ଠାରୁ ଅହେମଦୀମାନଙ୍କ ବିଷୟରେ ମତାମତ ନେଲେ ଓ ମସଜିଦ୍ ଗସ୍ତ କଲେ । ଶେଷରେ ପୋଲିସ୍ ଏହି ନିଷ୍କର୍ଷରେ ଉପନୀତ ହେଲେ ଯେ, ଜମାଅତ ଅହେମଦୀୟା କୌଣସି ନୂତନ ଧର୍ମ ପ୍ରଚଳନ କରି ନାହିଁ । ନା ଏମାନେ ନଉଜୁବିଲ୍ଲାଃ (ଅଲ୍ଲାଃ କ୍ଷମା କରନ୍ତୁ) ହଜରତ ମୁହମ୍ମଦ [ସ.ଅ]ଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି ।

ଅଲ୍ଲାଃତାଲା ଯାହାକୁ ସତ୍‌ପଥ ପ୍ରଦର୍ଶିତ କରିବାକୁ ଚାହାନ୍ତି ତାହା ପାଇଁ ଅତି ଅଭୂତପୂର୍ଣ୍ଣ ଢ଼ଙ୍ଗରେ ବ୍ୟବସ୍ଥା କରି ଦେଇଥାନ୍ତି । ସାଓତୁମେ ଆଫ୍ରିକାର ଏକ ଅଂଚଳ ସେଠାକାର ମୁବଲ୍ଲିଗ୍ ଇନଚାର୍ଜ୍ ସାହେବ ଲେଖିଛନ୍ତି, ସାଓତୁମେରେ ଜଣେ ପର୍ଯ୍ୟଟକ ଯେ ମରାକସ୍‌ରୁ ଆସିଥିଲେ ଭାଗ୍ୟବଶତଃ ଆମ ମସଜିଦ୍‌ରେ ଆସି ଜୁମ୍ମା ପାଠ କଲେ ଏବଂ ମସଜିଦ୍‌ରେ ଥିବା ଜମାଅତୀୟ ପୁସ୍ତକ ସିର୍‌ରୁଲ୍ ଖିଲାଫା ଓ ମଜାହିବ୍ କେ ନାମ ପର ଖୁନ୍ (ଆରବୀ ଭାଷାର ପୁସ୍ତକ)ର ଅଧ୍ୟୟନ କଲେ । ଏମ.ଟି.ଏ ଅଲ୍ ଆରବୀୟାର କିଛି କାର୍ଯ୍ୟକ୍ରମ ମଧ୍ୟ ଦେଖିଲେ, ଆଲମୀ ବୈଅତ୍‌ର ରେକଡ଼ିଙ୍ଗ ଦେଖିଲେ । କିଛି ଅବଧି ପରେ ପୁନର୍ବାର ଆସିଲେ ଏବଂ ବୈଅତ୍ ଫର୍ମ ମାଗି ସଙ୍ଗେସଙ୍ଗେ ତାହାକୁ ପୂରଣ କରିଦେଲେ । ଆମ ମୁବଲ୍ଲିଗ୍ ସାହେବ ତାଙ୍କୁ କହିଲେ; କିଛି ଦିନ ଚିନ୍ତା କରିନିଅନ୍ତୁ, ଦୁଆ କରିନିଅନ୍ତୁ, ତା'ପରେ ଯାଇ ବୈଅତ୍ କରିବେ । ସେ ଉତ୍ତର ଦେଲେ ମୁଁ ସାରା ରାତି ଦୁଆ କଲି ଏବେ ଯଦି ଇମାମଙ୍କର ବୈଅତ୍ ନକରି ମରିଯାଏ ତେବେ ମୂର୍ଖ ପାଷଣ୍ଡର ମୃତ୍ୟୁ ଲଭିବି । ଅତଏବ ସେ ବୈଅତ୍ କରିନେଲେ । ପ୍ରିୟ ହଜୁର ଅନଓ୍ୱର[ଅ.ବ] କୁହନ୍ତି; ଯଦିଚ ମରାକସ୍‌ରେ ଅହେମଦୀ ଅଛନ୍ତି, ଜମାଅତ ସୁପ୍ରତିଷ୍ଠିତ କିନ୍ତୁ ସେଠାରେ ତାଙ୍କର ଜମାଅତ ସହିତ ପରିଚୟ ହୋଇ ନଥିଲା । ଅଲ୍ଲାଃତାଲା ତାଙ୍କୁ ଆଫ୍ରିକାର ଏକ ବିଚ୍ଛିନ୍ନ ଅଂଚଳରେ ଆଣି ସେଠାରେ ସତ୍‌ପଥ ପ୍ରାପ୍ତିର ବ୍ୟବସ୍ଥା କରିଦେଲେ ।

ମଧ୍ୟଆଫ୍ରିକାର ଜଣେ ବ୍ୟକ୍ତି ଯେତେବେଳେ ଜମାଅତ ସମ୍ବନ୍ଧରେ ଗବେଷଣା କରିବା ଆରମ୍ଭ କଲେ ଏବଂ ବୈଅତ୍ ଫର୍ମ ପୂରଣ କରିବା ଆରମ୍ଭ କଲେ । ସେତେବେଳେ ତାଙ୍କ ଚକ୍ଷୁରୁ ଅଶ୍ରୁ ଝରି ପଡ଼ିଲା । ପଚାରିବାରୁ

କହିଲେ; ମୁଁ ଜମାଅତର ବିରୋଧିମାନଙ୍କ ଠାରୁ ଜମାଅତ ସମ୍ବନ୍ଧରେ ଅନେକ କିଛି ଶୁଣିଛି । କିନ୍ତୁ ଏହି ବୈଅତ୍ ଫର୍ମ ଓ ଏହାର ଦଶ ସର୍ତ୍ତାବଳୀ ପାଠ କରି ମୋତେ ନିଜ ବିଗତ ଜୀବନ ଘୃଣିତ ମନେହେଉଛି । ଏହି ସର୍ତ୍ତାବଳୀ ପାଠ କରି ମୁଁ ଜାଣି ପାରିଛି ଯେ ଜମାଅତ ଅହେମଦୀୟା ଏକ ସତ୍ୟ ଓ ବିଶୁଦ୍ଧ (ଖାଣ୍ଟି) ଜମାଅତ ଅଟେ ।

ହଜୁର ଅନଓ୍ୱର[ଅ.ବ] ଆଇବ୍ରିକୋଷ୍ଟ, ବେଲିଜ୍, ଉଜ୍‌ବେକିସ୍ତାନ, ଗିୟାନା ଆଦି ଦେଶମାନଙ୍କରେ ଅହେମଦୀୟତ୍‌ରେ ସାମିଲ ହୋଇଥିବା ନବାଗତ ଅହେମଦୀମାନଙ୍କ ବିଶ୍ୱାସ ବର୍ଦ୍ଧକ ଘଟଣାବଳୀ ଉପସ୍ଥାପନ କରିବା ପରେ କହିଲେ; ଅଲ୍ଲାଃତାଲା ହଜରତ ମସିହ ମଉଦ [ଅ.ସ]ଙ୍କ ସହିତ କରିଥିବା ଅଙ୍ଗୀକାର ପୂରଣ ହେବାର କିଛି ଘଟଣାବଳୀ ଏଠାରେ ମୁଁ ଚର୍ଚ୍ଚା କଲି । ଏପରି ଅନେକ ଘଟଣାବଳୀ ରହିଛି । ବିରୋଧୀମାନେ ଆମ ଅନିଷ୍ଟ କରିବାର ଆପ୍ରାଣ ଉଦ୍ୟମ କରିଥାନ୍ତି । କିନ୍ତୁ ଅପରପକ୍ଷେ ଅଲ୍ଲାଃତାଲା ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ଦେଶମାନଙ୍କରେ ଜମାଅତର ସର୍ବାଙ୍ଗୀନ ଉନ୍ନତି କରିବାର ନବିନତମ ବାଟ ଉନ୍ମୁକ୍ତ କରିଚାଲିଛନ୍ତି । ସୁତରାଂ ଏହା ଯେଉଁସ୍ଥଳେ ଆମମାନଙ୍କୁ ପ୍ରଭୁଙ୍କର କୃତଜ୍ଞ ହେବା ପ୍ରତି ଧ୍ୟାନ ଆକର୍ଷିତ କରୁଛି ସେହିସ୍ଥଳେ ନିଜର ଆତ୍ମସମୀକ୍ଷ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ କରୁଅଛି । ଆମମାନଙ୍କୁ ନିଜ ବିଶ୍ୱାସକୁ ଦୃଢ଼ୀଭୂତ କରିବାକୁ ମଧ୍ୟ ପ୍ରୟାସ କରିବା ଉଚିତ୍ ।

ନିଜ ପରବର୍ତ୍ତୀ ପିଢ଼ୀଙ୍କ ହୃଦୟରେ ମଧ୍ୟ ଏହାକୁ ଦ୍ରବିଭୂତ କରିବା ଉଚିତ୍ ଯେ, ମନୁଷ୍ୟକୁ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ କିନ୍ତୁ ଶେଷରେ ବିଜୟ ଅଲ୍ଲାଃତାଲାଙ୍କ ଜମାଅତର ହିଁ ହୋଇଥାଏ । ସୁତରାଂ କଦାପି ନିଜ ବିଶ୍ୱାସରେ ଅସ୍ଥିରତା ଆଣିବାକୁ ଦେବ ନାହିଁ । ଅଲ୍ଲାଃତାଲା ପ୍ରତ୍ୟେକ ନବାଗତ ଓ ପୁରାତନ ଅହେମଦୀମାନଙ୍କୁ ବିଶ୍ୱାସରେ ଅଟଳ ଅବିଚଳତା ପ୍ରଦାନ କରନ୍ତୁ ତଥା ଆସ୍ଥା ଓ ବିଶ୍ୱାସରେ ଅଭିବୃଦ୍ଧି କରି ଚାଲନ୍ତୁ । ଆମିନ୍ ।

ଖୁତ୍‌ବା ସାନିୟା ପୂର୍ବରୁ ହଜୁର ଅନଓ୍ୱର[ଅ.ବ] ଚାରି ଜଣ ମୃତକଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ସେମାନଙ୍କ ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା ମଧ୍ୟ କଲେ, *ପ୍ରଥମ ଜନାଯାଃ* ଶ୍ରୀମତି ପରଓ୍ୱୀନ୍ ଅଖତର୍ ସାହେବା ପତ୍ନୀ ଗୁଲାମ୍ କାଦୀର୍ ସାହେବ ସିଆଲକୋଟ୍ ନିବାସୀଙ୍କର । ଯେ ଦୀର୍ଘ ୯୦ ବର୍ଷ ବୟସରେ ଦେହ ତ୍ୟାଗ କଲେ । ତାଙ୍କର ଜଣେ ସୁପୁତ୍ର ଆରିଫ୍ ମେହମୁଦ୍ ସାହେବ ବେନୀନ୍‌ରେ ମୁବଲ୍ଲିଗ୍ ପଦରେ ଜମାଅତର ସେବା ସମ୍ପାଦନ କରିବା ଯୋଗୁଁ ନିଜ ମାତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହୋଇପାରି ନାହାନ୍ତି । *ଦ୍ୱିତୀୟ ଜନାଯାଃ* ଶ୍ରୀମତି ମୁମତାଜ୍ ଓସିମ୍ ସାହେବା ପତ୍ନୀ ଚୌଧରୀ ଓସିମ୍ ଅହେମଦ ନାସିର୍ ସାହେବ ଘଟୟାଲିୟାଁ ନିବାସୀ । ତାଙ୍କର ଦୁଇଜଣ ସୁପୁତ୍ର ଉତ୍ସର୍ଗୀ ଅଟନ୍ତି । ଜଣେ ଜେମ୍ବିୟାରେ ମୁବଲ୍ଲିଗ୍ ଅଛନ୍ତି । *ତୃତୀୟ ଜନାଯାଃ* ଶ୍ରୀମାନ ବ୍ରିଗେଡ଼ିୟର ମୁନଓ୍ୱର୍ ଅହେମଦ ରାଣା ସାହେବ ଯେ କି ରାଓ୍ୱଲପିଣ୍ଡି ଜମାଅତରେ ଜେନେରାଲ୍ ସେକ୍ରେଟେରୀ ପଦରେ ସେବା ସମ୍ପାଦନ କରୁଥିଲେ । *ଚତୁର୍ଥ ଜନାଯାଃ* ଅବସର ପ୍ରାପ୍ତ ଗ୍ରୁପ୍ କ୍ୟାପଟେନ୍ ଶ୍ରୀମାନ ଶକୁର୍ ମଲକ୍ ସାହେବ ପୂର୍ବତନ ନାଏବ୍ ଅମିର ଜମାଅତ ଅହେମଦିୟା ରାଓ୍ୱଲପିଣ୍ଡିଙ୍କର । ଅଲ୍ଲାଃତାଲା ସମସ୍ତ ମୃତକଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଏବଂ ସେମାନଙ୍କ ସହ ଦୟା ପରବଶ ହୁଅନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❋❋❋❋❋ ❋❋❋❋❋ ❋❋❋❋❋

Khulasa Khutba Juma Huzoor Anwar a.b.a

19th May 2023